# 'ଜଗତର କଲ୍ୟାଣ ପାଇଁ ସନ୍ଥ ନର୍କରେ ପଡ଼ିବାକୁ ଭୟ କରେ ନାହିଁ

## ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଆଲୋଚନାଚକ୍ର

**ସମ୍ବଲପୁର, ୮।୯ (ସମିସ) :** କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭୀମଭୋଇ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ 'ଓଡ଼ିଆ ସନ୍ଥ ସାହିତ୍ୟ ପରମ୍ପରା' ଶୀର୍ଷକ ଏକଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବ ସାହିତ୍ୟ ଅକାଦେମୀର ଓଡ଼ିଆ ଉପଦେଷ୍ଟା ପରିଷଦର ଆବାହକ ତଥା ବିଶିଷ୍ଟ ସାହିତ୍ୟିକ ଡ଼ଃ ଗୌରହରି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅକାଦେମୀର କୋଲକତାସ୍ଥିତ ସମ୍ଭାଗର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସ୍ଥାପନ କରିବା ସହିତ ସନ୍ଥ ଜୀବନର ମହତ୍ତ୍ୱ ଉପସ୍ଥାପନ କରିଥିଲେ। ସାହିତ୍ୟ ଅକାଦେମୀ ଓଡ଼ିଆ ଉପଦେଷ୍ଟା ପରିଷଦର ସଦସ୍ୟ ଡ଼ଃ ମନୋଜ କୁମାର ପଣ୍ଡା ଓଡ଼ିଆ ସନ୍ଥ ସାହିତ୍ୟର ବିସ୍ତୃତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିବା ସହିତ ସନ୍ଥ ସାହିତ୍ୟ ଗବେଷଣା ଉପରେ ପ୍ରାଧାନ୍ୟ ଦେଇଥିଲେ। ସଭାପତି ଡ଼ଃ ଦାସ ବିଶ୍ୱ ସନ୍ଥ ସାହିତ୍ୟର ବିଭିନ୍ନ ଦିଗ ବିଶ୍ଳେଷଣ କରିବା ସହିତ ନିର୍ଭୀକତା ସନ୍ଥର ପ୍ରଧାନ ଲକ୍ଷଣ ବୋଲି କହିଥିଲେ। ଜଗତର କଲ୍ୟାଣ ପାଇଁ ସନ୍ଥ ନର୍କରେ ଅବଗାହନ କରିବାକୁ ଭୟ କରେ ନାହିଁ ବୋଲି ମତବ୍ୟକ୍ତ କରିବା ସହିତ ଭାରତର ପ୍ରମୁଖ ସନ୍ଥଙ୍କ ସାହିତ୍ୟ ଆଲୋଚନା କରିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର କାଳିଦାସ ମିଶ୍ର ଭିତ୍ତିପ୍ରବନ୍ଧ



ପାଠ କରିଥିଲେ। ପଞ୍ଚସଖା ସାହିତ୍ୟ ଓଡ଼ିଆ ସନ୍ଥ ସାହିତ୍ୟର ଚରମ ଉତ୍କର୍ଷ ବୋଲି ସେ ମତ ଦେଇଥିଲେ। ଓଡ଼ିଆ ସନ୍ଥ ସାହିତ୍ୟର ଯଥାଯଥ ପୂର୍ଣ୍ଣାଙ୍ଗ ଗବେଷଣା ଏ ପର୍ଯ୍ୟନ୍ତ ହୋଇନାହିଁ। ବର୍ତ୍ତମାନ ଚିତ୍ତରଞ୍ଜନ ଦାସଙ୍କ ଭଳି ଗବେଷକଙ୍କ ଆବଶ୍ୟକତା ଉପରେ ପ୍ରଫେସର ମିଶ୍ର ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଜ୍ଞାନ ରଞ୍ଜନ ସ୍ୱାଇଁ ଯୋଗଦେଇ ଅକାଦେମୀର ପ୍ରୟାସ ଓ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶ ନିୟନ୍ତ୍ରକ ଜଗନ୍ନାଥ ରାଉତ ମଞ୍ଚାସୀନ ଥିଲେ। ଭୀମଭୋଇ ଗବେଷଣା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ଃ ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ପରବର୍ତ୍ତୀ ଦୁଇଟି ଅଧିବେଶନରେ ପାଞ୍ଚଜଣ ଆଲୋଚକ ସେମାନଙ୍କ ପ୍ରବନ୍ଧ ପାଠ କରିଥିଲେ। ସେମାନେ ହେଉଛନ୍ତି ଅଧ୍ୟାପକ ଅଖିଳ ବିଶ୍ୱାଳ, ଡ଼ଃ ହରିକାନ୍ତ ନାୟକ, ଡ଼ଃ ସଂଘମିତ୍ରା ମିଶ୍ର, ଡ଼ଃ ସୌରଭ ରଞ୍ଜନ ଭୋଗୀ ଏବଂ ଡ଼ଃ ଶେଷାନ ବିଶି। ଆଲୋଚକମାନେ ଚର୍ଯ୍ୟାଗୀତିକା ଓ ପଞ୍ଚସଖା ସାହିତ୍ୟ ବୈଶିଷ୍ଟ୍ୟ ଏବଂ ଭୀମଭୋଇ ତଥା ଅନ୍ୟ ସନ୍ଥଙ୍କ କୃତି ଉପରେ ଆଲୋକପାତ କରିଥିଲେ। ପ୍ରଥମ ଅଧିବେଶନରେ ପ୍ରଫେସର ପ୍ରଦୀପ ପଣ୍ଡା ସଭାପତିତ୍ୱ କରିଥିଲେ ଓ ଡ଼ଃ ପରୀକ୍ଷିତ ଭୋଇ ଧନ୍ୟବାଦ ଅର୍ପଣ କରିଥିବାବେଳେ ଦ୍ୱିତୀୟ ଅଧିବେଶନରେ ପ୍ରଫେସର ସନ୍ତୋଷ ରଥ ସଭାପତିତ୍ୱ କରିଥିଲେ ଏବଂ ଡ଼ଃ ଲିପିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।